## ସଂକ୍ଷେପରେ

### ଜିଲାପାଳଙ୍କ ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ

ଆର.ଉଦୟଗିରି,୩୦।୧୨(ଡି.ଏନ.ଏ.)- ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ବୁଧବାର ମୋହନା ବ୍ଲକର ବିଭିନ୍ନ ପଞ୍ଚାୟତକୁ ଗସ୍ତ କରିଥିଲେ। ସେ ପ୍ରଥମେ ଧାଡିଆମ୍ବ ପଞ୍ଚାୟତ ଅଧୀନ ଡାହାଣୀ ନାଳର ପୁନରୁଦ୍ଧାର, ମରାମତି, ସୌନ୍ଦର୍ଯ୍ୟକରଣ ଓ ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦେଇ ଏହାର ବିକାଶ କରି ଚାଷୀଙ୍କୁ କେନାଲ ମାଧମରେ ଜଳ ଯୋଗାଇବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଯୋଡାଆମ୍ବ ବିଦ୍ୟାଳୟର ରୂପାନ୍ତୀକରଣ କୋଠା ବୁଲି ଉନ୍ନତମାନର କାମ ସହ ଠିକ୍ ତଦାରଖ କରିବାକୁ ଅଧିକାରୀଙ୍କୁ କହିଥିଲେ। ମୋହନା-ନୂଆଗଡ ବ୍ଲକର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦୁଃଖ ସାଜିଥିବା ଚୁଡଙ୍ଗପୁର ପଞ୍ଚାୟତର ଝରଣପୁର ଗ୍ରାମ ନିକଟ ଲୁଦୁପଙ୍କା ନାଳ ଉପରେ ନିର୍ମିତ ପୋଲ ଜିଲାପାଳ ବୁଲି ଦେଖିଥିଲେ। ଜିଲାପାଳଙ୍କ ସହ ଡିଆରଡିଏ ପିଡି ରୋମାଞ୍ଚଳ ଖମାରୀ, ସ୍ଥାନୀୟ ବିଡିଓ ତପସ୍ୱିନୀ ହାଂସଦା, ସହକାରୀ ନିର୍ବାହୀ ଯନ୍ତ୍ରୀ, ଏମଆଇ, ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ ସୁକୁମାର ଶତପଥୀ, ପିଇଓ, ଚୁଡଙ୍ଗପୁର ଓ ଧାଡିଆମ୍ବ ସରପଞ୍ଚ, ଜନପ୍ରତିନିଧି ଓ ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ମୋହନା ବ୍ଲକରେ ଜନକଲ୍ୟାଣକାରୀ ବିଭିନ୍ନ ପ୍ରକଳ୍ପ ହେବାକୁ ଯାଉଥିବା ଜିଲାପାଳ କହିଥିଲେ।

### ଜି.ଉଦୟଗିରି ଏନଏସି ଉପନିର୍ବାଚନ
### ସରିଲା ଯାଞ୍ଚ, ସବୁ ପ୍ରାର୍ଥିପତ୍ର କାଏମ

ଜି.ଉଦୟଗିରି,୩୦।୧୨(ଡି.ଏନ.ଏ.)-ଜି. ଉଦୟଗିରି ଏନଏସି ୬ ନମ୍ବର ୱାର୍ଡରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ସମସ୍ତ ୪ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି ବୋଲି ନିର୍ବାଚନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ ଜଣାଇଛନ୍ତି। ଉପ ନିର୍ବାଚନ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ସହିତ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେଡି ଟିକେଟରୁ ସିଦ୍ଧେଶ୍ୱର ନାୟକ, ଭାଜପା ଟିକେଟରୁ ସୁଜାତା ନାୟକ, କଂଗ୍ରେସ ଟିକେଟରୁ କୁଞ୍ଜ ବିହାରୀ ନାୟକ, ସ୍ୱାଧୀନ ଭାବେ ରାଖେଲ ନାୟକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଜାନୁୟାରୀ ୨ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଶେଷ ଦିନ ରହିଛି। ଜାନୁଆରୀ ୧୨ରେ ଭୋଟ ଗ୍ରହଣ କରାଯିବ ଏବଂ ୧୩ରେ ଗଣତି ସହିତ ଫଳାଫଳ ଘୋଷଣା କରାଯିବ।

### ଟିବିମୁକ୍ତ ଭାରତ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି,୩୦।୧୨-ଜଗଦଳପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଆୟୁଷ ଡ. ସୁନୀତା ପ୍ରଧାନଙ୍କ ପୌରହିତ୍ୟରେ ଗୁରୁବାର ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଜଗଦଳପୁର ସରପଞ୍ଚ କାନ୍ତି କୁମାରୀ ଦେବୀ ଉପସ୍ଥିତ ରହି ନି-କ୍ଷୟ ମିତ୍ରରେ ସାମିଲ ହୋଇ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ ସହ କୁକୁଡ଼ାଖଣ୍ଡି ବ୍ଲକର ଜଗଦଳପୁର ପଞ୍ଚାୟତକୁ ଟିବିମୁକ୍ତ କରିବାକୁ ଶପଥ ନେଇଥିଲେ। ଏହା ସହ ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ, ଲୋଚାପଡା ସରପଞ୍ଚ ଏଲ ମୋହନ ଦାସ ଓ ସମିତିସଭ୍ୟ ଚଣ୍ଡିଚରଣ ସାହୁ ମଧ ନି-କ୍ଷୟ ମିତ୍ରରେ ନିଜକୁ ସାମିଲ କରାଇ ଯକ୍ଷ୍ମା ରୋଗୀଙ୍କ ପୋଷଣ ଭାର ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମେଡ଼ିକାଲ ଅଫିସର ବିଜୟ କୁମାର ସୁବୁଦ୍ଧି, ଫାର୍ମାସିଷ୍ଟ ହେମନ୍ତ ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବନିତା କୁମାରୀ ଗୌଡ଼, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ଦେବରାଜ ବରାଡ, ସ୍ୱାସ୍ଥ୍ୟକର୍ମୀ ଦିଦି ଗୀତାରାଣୀ ସାହୁ, କୁନି ତ୍ରିପାଠୀ, ଜାହ୍ନବି ଦାସ, ସୁଜତାରାଣୀ ଦାସ, ଗୀତାଞ୍ଜଳି ଶତପଥୀ, ପ୍ରମିଳା ପାତ୍ର, ଏଲ ଟି. ଲୀଳାବତୀ ବେହେରା ସମେତ ବହୁ ଯକ୍ଷ୍ମା ରୋଗୀ ସାମିଲ ହୋଇଥିଲେ। ବରିଷ୍ଠ ଯକ୍ଷ୍ମା ପରିଦର୍ଶକ ସରୋଜ କୁମାର ଦାସ ପରିଚାଳନା କରିଥିଲେ।

# ଚକରା ବିଷୋୟୀଙ୍କ ୨୦୦ତମ ଜୟନ୍ତୀ ପାଳନ ପ୍ରସ୍ତୁତି

## ରବିବାର ଜିଲାସ୍ତରୀୟ, ସୋମବାର ରାଜ୍ୟସ୍ତରୀୟ ଉତ୍ସବ

ଭଞ୍ଜନଗର,୩୦।୧୨(ଡି.ଏନ.ଏ)

ଘୁମୁସର ମାଟିର ମହାନ ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ୨୦୦ତମ ଜୟନ୍ତୀ ଆସନ୍ତା ରବିବାର ଭଞ୍ଜନଗରରେ ପାଳନ କରାଯିବ। ଗଞ୍ଜାମ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଚକରା ବିଷୋୟୀ ଛକରେ ଅପରାହ୍ନ ୫ଟାରେ ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମ ହେବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ସେହିପରି ଭୁବନେଶ୍ୱର ସୂଚନା ଭବନରେ ଆସନ୍ତା ସୋମବାର ଅପରାହ୍ନ ୫ଟାରେ ରାଜ୍ୟସ୍ତରୀୟ


କଲେଜ ରୋଡ଼ରେ ଥିବା ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତି।

ଚକରା ବିଷୋୟୀ ଜୟନ୍ତୀ ପାଳନ କରାଯିବ। ଉଭୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ଉଦ୍ୟମ ଚାଲିଛି। ଭଞ୍ଜନଗରରେ ହେବାକୁ ଥିବା କାର୍ଯ୍ୟକ୍ରମ ନେଇ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଶୁଳପାଣି ଶତପଥୀ, ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ଚକରା ବିଷୋୟୀ କଲଚୁରାଲ ଏକାଡ଼େମୀର କର୍ମକର୍ତ୍ତା ଜଗବନ୍ଧୁ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଭୁବନେଶ୍ୱରରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମଧ ପ୍ରସ୍ତୁତି ଚାଲିଛି । ଭୁବନେଶ୍ୱର କାର୍ଯ୍ୟକ୍ରମରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି,ଭଞ୍ଜନଗର କେଏସ୍‌ୟୁବି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.ବିଚିତ୍ରାନନ୍ଦ ଦାସ ମୁଖ୍ୟବକ୍ତା ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ଉପସଭାପତି ମନ୍ମଥ କୁମାର ଶତପଥି ସମ୍ମାନିତ ଅତିଥି ଭାବେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ମୁଁ ଚକରା କହୁଛି ନାଟକ ପରିବେଷଣ ହେବ। ସୂଚନାଯୋଗ୍ୟ, ଚକରା ବିଷୋୟୀ ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଦେଶ ସ୍ୱାଧୀନ ପାଇଁ ଘୁମୁସରରେ ହୋଇଥିବା ଆନ୍ଦୋଳନ ପ୍ରଥମ ଆନ୍ଦୋଳନ ବୋଲି ଅଞ୍ଚଳର ଅନେକ ଗବେଷକ ମତ ଦେଉଛନ୍ତି ।

# ଅଟୋକୁ ପଛରୁ ଧକ୍କାଦେଲା ଟ୍ରେଲର
# ୩ ଶିଶୁ ସମେତ ୮ ଆହତ


ଦୁର୍ଘଟଣାଗ୍ରସ୍ତ ଅଟୋ।

ଛତ୍ରପୁର,୩୦।୧୨(ଡି.ଏନ୍.ଏ.)

ଚମାଖଣ୍ଡି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥରେ ଏକ ଅଟୋ ରିକ୍ସାକୁ ଟ୍ରେଲର ଧକ୍କା ଦେବା ଫଳରେ ୩ ଶିଶୁଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରମା ପ୍ରଧାନ (୪୫), ଶିବରାମ ପ୍ରଧାନ(୨୫), ନର୍ମଦା ପ୍ରଧାନ (୨୫), ରମା ପ୍ରଧାନ(୬୦), ଶୁଭାସ୍ମିତା ପ୍ରଧାନ (୭), ଅମିତ ପ୍ରଧାନ (୨) ଓ ଅଟୋ ଚାଳକ ଏ. ଗୌରାଙ୍ଗ ରେଡ୍ଡୀ (୫୬) । ପୁରୁଷୋତ୍ତମପୁର ବ୍ଲକ କଇଠଡା ଗ୍ରାମରୁ ଗୋଟିଏ ପରିବାରର ୭ ଜଣ ଅଟୋ ନଂ (ଓଡି ୦୭ଜେ ୨୨୨୦)ରେ ଛତ୍ରପୁର ବ୍ଲକର ମାୟାପାଟଣା ଗ୍ରାମକୁ ଏକ ଭୋଜିରେ ଯୋଗ ଦେବାକୁ ଆସୁଥିଲେ। ଚମାଖଣ୍ଡି ଛକଠାରେ ସେମାନେ ଭୁଲ୍‌ବଶତଃ ଅନ୍ୟ ଗ୍ରାମକୁ ଚାଲି ଯାଇଥିଲେ। ପୁଣି ଜାତୀୟ ରାଜପଥରେ ଫେରିବା ବେଳେ ଟ୍ରେଲର (ଏନ୍‌ଏଲ୍ ୦୧କ୍ୟୁ ୫୯୯୯) ଅଟୋକୁ ପଛପଟୁ ଧକ୍କା ଦେଇ ଚାଲି ଯାଇଥିଲା। ସ୍ଥାନୀୟ ଅଟୋଚାଳକମାନଙ୍କ ସହଯୋଗରେ ଆହତ ଦୁର୍ଘଟଣାଗ୍ରସ୍ତ ଅଟୋଚାଳକଙ୍କ ସମେତ ୮ଜଣଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ଘଟାଇ ପଳାଇ ଯାଇଥିବା ଟ୍ରେଲରକୁ ଚମାଖଣ୍ଡି ପୋଲିସ ପୋକଡିବନ୍ଧ ଛକରେ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# 'ଗୋଟିଏ କାହାଣୀ'ରେ ଦର୍ଶକ ବିଭୋର

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପାରଳାଖେମୁଣ୍ଡି,୩୦।୧୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ଅର୍ବାନ ବ୍ୟାଙ୍କ ପଡିଆଠାରେ କ୍ରିଏଟିଭ ଆର୍ଟସ ନାଟ୍ୟ ସଙ୍ଗଠନ ପକ୍ଷରୁ ଚାଲିଥିବା ନବମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ 'ଗୋଟିଏ କାହାଣୀ' ମଞ୍ଚସ୍ଥ ହୋଇଛି।, ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଯେତିକି ରହିବ ବନ୍ଧୁତ୍ୱ ମଧ୍ୟ ସେତିକି ରହିବା ଦରକାର। ମଞ୍ଚରେ ଏପରି ଏକ କାହାଣୀକୁ ବେଶ୍ ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି ଭୁବନେଶ୍ୱରର ପଞ୍ଚଧ୍ୱନି ନାଟ୍ୟ ଅନୁଷ୍ଠାନର କଳାକାରମାନେ। ନାଟକକୁ ଦୀପ୍ତି ରଞ୍ଜନ ଦାଶ ନିର୍ଦ୍ଦେଶନା ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ

ଅତିଥି ଭାବେ ଗଜପତି ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବିଶିଷ୍ଟ ଶିଳ୍ପପତି


ନାଟକର ଏକ ଦୃଶ୍ୟ।

ତିରୁପତି ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ତଥା ଭକ୍ତି ସଙ୍ଗୀତ ସଂସଦ ସଭାପତି ବସନ୍ତ ଦାସ ମଞ୍ଚାସୀନ ଥିଲେ। ସ୍ଥାୟୀ ମଞ୍ଚ ନ ଥିବା ଯୋଗୁ ଅସୁବିଧା ସତ୍ତ୍ୱେ ବିଭିନ୍ନ ଜିଲାରୁ ନାଟ୍ୟ ଦଳ ଆଣି ନାଟକ ପରମ୍ପରା ବଜାୟ ରଖିବା ପାଇଁ ଚେଷ୍ଟା ହୋଇଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଆଦର୍ଶ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ମନୋଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନମଣ୍ଡି ସୁବ୍ୟବସ୍ଥା ଲାଗି ଭାଜପାର ଦାବିପତ୍ର

ପାତ୍ରପୁର,୩୦।୧୨(ଡି.ଏନ୍.ଏ.)

ପାତ୍ରପୁର ବ୍ଲକରେ ଧାନ ଅମଳ ସରି ଆସୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ଧାନମଣ୍ଡି ଖୋଲା ଯାଇ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଗତ ବର୍ଷ ଅଧିକାଂଶ ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବାରୁ ଚାଷୀ ଶାଗ ମାଛ ଦରରେ ଧାନ ବିକ୍ରି କରିଥିଲେ। ଚଳିତବର୍ଷ ମଣ୍ଡିର ସୁବ୍ୟବସ୍ଥା କରିବା ସହ ଆସନ୍ତା ୨ ତାରିଖ ସୁଦ୍ଧା ଧାନମଣ୍ଡି ଖୋଲିବା ପାଇଁ ଭାଜପା ପକ୍ଷରୁ ପାତ୍ରପୁର ବିଡ଼ିଓ ପ୍ରକାଶ ଦାସ ଓ ତହସିଲଦାର ଅମିତ୍ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ଦ୍ଧାରିତ ସମୟରେ ଧାନ କିଣା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଅଧ୍ୟକ୍ଷ ୱାଇ ସଂଯୁକ୍ତା, ସନ୍ତୋଷ କୁମାର ପାତ୍ର, ବାଲାଜୀ ପାଢୀ, ୱାଇ ବାଲକ୍ରିଷ୍ଣା ରେଡ୍ଡୀ, ଗୌରାଙ୍ଗ ପାଣିଗ୍ରାହି, ପ୍ରଶାନ୍ତ ସାହୁ, ପ୍ରଦୀପ ସାମନ୍ତରା , ରଞ୍ଜନ ପ୍ରଧାନ ଓ ଲଳିତା ବଡମୁଣ୍ଡିଙ୍କ ସମେତ ଶତାଧିକ ଭାଜପା କର୍ମୀ ଓ ଚାଷୀ ଉପସ୍ଥିତ ଥିଲେ।

# ଶୀତ ମହୋତ୍ସବ କମିଟି ଗଠିତ



ଦାରିଙ୍ଗବାଡ଼ି,୩୦।୧୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିଠାରେ ଚଳିତ ବର୍ଷ ଜାନୁୟାରୀ ମାସରେ ୫ ଦିନ ଧରି ଶୀତ ମହୋତ୍ସବ ପାଳନ ପାଇଁ ଦ୍ୱିତୀୟ ଥର ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଶୀତ ମହୋତ୍ସବ କମିଟିର ସଭାପତି ତଥା ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ତଥା ବିଡ଼ିଓ ଗଦାଧର ପାତ୍ର, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ଏମପି ପ୍ରତିନିଧି ଅକ୍ଷୟ ନାୟକ, ବନାନି ସାହିତ୍ୟ ସଂସଦ ସଭାପତି ପତିତପାବନ ରାଉତ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ହୋଟେଲ ସଂଘର ଗିରିଶ ସାହୁ, ସନ୍ତୋଷ ବିଷୋୟୀ, ବରିଷ୍ଠ ଆଇନଜୀବୀ ଉମେଶ କର, ରମେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୩ ତାରିଖରେ ଚୂଡାନ୍ତ ବୈଠକ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ସାଲୁଗା ପ୍ରଧାନ କହିଛନ୍ତି।

# ଦାରିଙ୍ଗବାଡ଼ିରେ ଟ୍ରାଫିକ ଜାମ୍

ଦାରିଙ୍ଗବାଡି,୩୦।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡିରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଶୀତର ମଜା ନେବାକୁ ଏଠାକୁ ଦୈନିକ ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସି ରାତ୍ରିଯାପନ କରୁଥିବା ବେଳେ ବଣଭୋଜି ପାଇଁ ସବୁଠି ଭିଡ଼ ଜମାଉଛନ୍ତି । ଏଥିଯୋଗୁ ଦାରିଙ୍ଗବାଡିରେ ଟ୍ରାଫିକ ଜାମ ହୋଇଛି। ବିଶେଷ କରି ଦାରିଙ୍ଗବାଡି ଠାରୁ ବାମୁଣୀଗାଁ ପର୍ଯ୍ୟନ୍ତ ରହିଥିବା ରାସ୍ତାର କଫି ବଗିଚା ସମେତ ପାଇନ ବଣ ମଧ୍ୟରେ ପ୍ରବଳ ଭିଡ଼ ହେଉଥିବାରୁ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ଦେଖାଯାଉଛି । କଫି ବଗିଚା ସମ୍ମୁଖରେ ଉଠା ଦୋକାନଗୁଡିକ ରହିଥିବାରୁ ପର୍ଯ୍ୟଟକମାନେ ସେଠୁ ଆବଶ୍ୟକ କନ୍ଧମାଳ ହଳଦୀ ସମେତ


କଫି ବଗିଚା ସମ୍ମୁଖରେ ଟ୍ରାଫିକ୍ ଜାମ ହୋଇଛି ।

କଫି, ମସଲା, ସୋରିଷ ଆଦି ସାମଗ୍ରୀ କିଣିବାକୁ ଭିଡ଼ ଜମାଉଛନ୍ତି। ସେହି ସ୍ଥାନରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ସେହିପରି ଦାରିଙ୍ଗବାଡି ବଜାରରେ ଥିବା ହୋଟେଲଗୁଡିକୁ ପର୍ଯ୍ୟଟକମାନେ ଖାଇବା ପାଇଁ ଆସୁଥିବାରୁ ବଜାର ମଧ୍ୟରେ ଶହ ଶହ ଗାଡି ଅଟକି ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଦାରିଙ୍ଗବାଡି ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ପାଟ୍ରୋଲିଂ ବ୍ୟବସ୍ଥାକୁ ବଢ଼େଇ ଦେଇଛି। ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ପୋଲିସ, ଆଇଆର୍‌ବି ଯବାନଙ୍କୁ ନିୟୋଜିତ କରାଯାଇଛି। ତଥାପି ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡୁଛି।

# ଗଜପତିରେ ଧାନମଣ୍ଡି ଶୁଭାରମ୍ଭ

ପାରଳାଖେମୁଣ୍ଡି,୩୦।୧୨(ଡି.ଏନ୍.ଏ.)

ଗଜପତି ଜିଲାରେ ଶୁକ୍ରବାର ଆନୁଷ୍ଠାନିକ ଭାବେ ଚାଷୀଙ୍କ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲାଯାଇଛି। ନିୟନ୍ତ୍ରିତ ବଜାର କମିଟି ପଡ଼ିଆରେ ଚାଷୀଙ୍କୁ ନେଇ ଆୟୋଜିତ ସଭାରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଧାନମଣ୍ଡି ଶୁଭାରମ୍ଭ କରିଛନ୍ତି। ଚଳିତଥର ଜିଲାରୁ ୪ଲକ୍ଷ ୮୦ହଜାର ମେଟ୍ରିକ ଟନ୍ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିନିମନ୍ତେ ପୂର୍ବରୁ ସାଟେଲାଇଟ ସର୍ଭେ ଦ୍ୱାରା ଜିଲାର ୧୪ହଜାର ଚାଷୀଙ୍କ ଜମି ଚିହ୍ନଟ କରାଯାଇଛି । ଧାନ ସଂଗ୍ରହ ପାଇଁ ୪୫ଟି ପ୍ୟାକ୍ସ,୨୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଚୟନ କରାଯାଇଛି। ଚାଷୀଙ୍କୁ ଉଭୟ ଓଡ଼ିଆ



ଧାନମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତି ଅତିଥିବୃନ୍ଦ।

ଏବଂ ତେଲୁଗୁ ଭାଷାରେ ପ୍ରଚାରପତ୍ର ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ମଣ୍ଡି ସମ୍ପର୍କରେ ସଚେତନ କରାଯାଉଛି। ଚାଷୀମାନେ ନିଜ ନିଜ ଅଞ୍ଚଳର ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି। ଉଦ୍‌ଘାଟନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ରୋମାଞ୍ଚଳ ଖମାରି, ଚାଷୀ ନେତା ତିରୁପତି ପାଣିଗ୍ରାହୀ, ଜିଲା କୃଷକ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇତିହାସ, ଗଣିତ ବିଭାଗର ସ୍ୱାଗତ ସଭା

ଭଞ୍ଜନଗର,୩୦।୧୨(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇତିହାସ ଏବଂ ଗଣିତ ବିଭାଗର ସ୍ୱାଗତ ସଭା ଶୁକ୍ରବାର ଅନଷ୍ଠିତ ହୋଇଯାଇଛି । ଗଣିତ ବିଭାଗ ପକ୍ଷରୁ ସ୍ଥାନୀୟ ବନ ବିହାର ପରିସରରେ ଆୟୋଜିତ ସଭାରେ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବଦ୍ରି ନାରାୟଣ ପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ସାତ୍ୟକୀ ସାହୁ, ଶୈକ୍ଷିକ ପରିଷଦର ସମ୍ପାଦକ ବିଭାସ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସାତ୍ୟକୀ ବେଉରା ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ସାଲିନି ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ସେହିଭଳି ଇତିହାସ ବିଭାଗ ସଭାରେ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ସମସ୍ତ ଅତିଥି ଉପସ୍ଥିତ ଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ରବୀନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । ଉଭୟ ବିଭାଗ ପକ୍ଷରୁ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ପ୍ରଥମ ଶ୍ରାଦ୍ଧବାର୍ଷିକୀ ସହ ପ୍ରତିମୂର୍ତ୍ତି ଉନ୍ମୋଚିତ
# ରାମକୃଷ୍ଣ ବାବୁ ଥିଲେ ଗଞ୍ଜାମର ଗର୍ବ ଓ ଗୌରବ

ପୋଲସରା,୩୦।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଡୁଙ୍ଗାପଡା ଠାରେ ଶୁକ୍ରବାର ପୂର୍ବତନ ଅର୍ଥମନ୍ତ୍ରୀ ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ ସହ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାମକୃଷ୍ଣ ବାବୁ ଥିଲେ ଗଞ୍ଜାମ ଜିଲାର ଗର୍ବ ଓ ଗୌରବ। ବର୍ତ୍ତମାନ ଗଞ୍ଜାମ ଜିଲା ଶ୍ରୀହୀନ ହୋଇପଡିଛି ବୋଲି ରାମକୃଷ୍ଣ ବାବୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତି ଚାରଣ କରି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ଭାରତୀୟ ଜନତା ପାର୍ଟିର ଉପ ସଭାପତି ପ୍ରଭାକର ପଣ୍ଡା, ବ୍ରହ୍ମପୁର ଜିଲା ସଭାପତି ବିଭୂତି ଜେନା, ବୁଗୁଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ରାମ ନାରାୟଣ ସାହୁ, ବରିଷ୍ଠ



ଶ୍ରାଦ୍ଧବାର୍ଷିକୀରେ ମଞ୍ଚାସୀନ ଅତିଥି।

ଆଇନଜୀବୀ ତଥା ସିପିଆଇ ନେତା ସୋମନାଥ ନାୟକ, ବରିଷ୍ଠ ଭାଜପା ନେତା ଗଙ୍ଗାଧର ନାୟକ, ସତ୍ୟନାରାୟଣ ସାହୁ, କୋଦଳା ନଗରପାଳ ସୂର୍ଯ୍ୟ ନାୟକ, ଟୁଲୁ ପଣ୍ଡା ଓ ରାଜୀବ ଭୂୟାଁ ପ୍ରମୁଖ ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ ରାମକୃଷ୍ଣ ବାବୁଙ୍କ ଯୋଗୁଁ ଓଡିଶା ରାଜନୀତିରେ ଗଞ୍ଜାମ ଜିଲାର ଗାରିମା ବୃଦ୍ଧି ପାଇଥିଲା। ଏହି ସଭାରେ ରାମକୃଷ୍ଣ ବାବୁଙ୍କ ପତ୍ନୀ ପୂର୍ବତନ ସାଂସଦ କୁମୁଦିନୀ ପଟ୍ଟନାୟକ, ତାଙ୍କ ଝିଅ ତଥା ଭାଜପାର ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭଦର୍ଶିନୀଙ୍କ ସମେତ ରାମକୃଷ୍ଣ ବାବୁଙ୍କ ବହୁ ଶୁଭେଚ୍ଛୁ ଯୋଗ ଦେଇଥିଲେ। ଅଧ୍ୟାପକ ମନୋରଞ୍ଜନ ସାହୁ ଓ ଯୁବ ନେତା ସୀମାଞ୍ଚଳ ସାହୁ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

# ଆର୍.ଉଦୟଗିରିରେ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ


ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରାଯାଉଛି।

ଆର.ଉଦୟଗିରି,୩୦।୧୨(ଡି.ଏନ.ଏ.)

ପୁରୁଷ ହକି ବିଶ୍ୱକପ ଟ୍ରଫିକୁ ଗୁରୁବାର ଗଜପତି ଜିଲା ଆର.ଉଦୟଗିରିଠାରେ ସ୍ୱାଗତ କରିଯାଇଛି। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ସହରର ପ୍ରବେଶପଥ ତଥା ପୋଲିସ ଛକଠାରେ ବ୍ଲକ ପ୍ରଶାସନ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ଟ୍ରଫିକୁ ସ୍ୱାଗତ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ଠାରେ ଟ୍ରଫି ପହଞ୍ଚିବା ପରେ ସେଠାରେ ଏଡିଏମ୍ ସଂଗ୍ରାମ ପଣ୍ଡା, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ବିଡିଓ ଲଜିମନ ଖର୍ସେଲ, ସ୍ଥାନୀୟ ସରପଞ୍ଚ ରାମେଶ ରାଇକା, ଭାରପ୍ରାପ୍ତ ଜିପିଇଓ ଶଶାଙ୍କ ସେଖର ସୁବୁଦ୍ଧି, ଏପିଓ ଅକ୍ଷର କୁମାର ବିଷୋୟରତ୍ନ, ମୋହନା ବିଡିଓ ତପସ୍ୱିନୀ ହାଂସଦା ଓ ରାଇୟଡା ବିଡିଓ ରଞ୍ଜିତ କୁମାର ବଳ ପ୍ରମୁଖ ଟ୍ରଫିକୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଏହାପରେ ଟ୍ରଫିକୁ ସହର ପରିକ୍ରମା କରିବା ବେଳେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମଧ ଭବ୍ୟ ସ୍ୱାଗତ କରାଯାଇଥିଲା। ପଞ୍ଚାୟତ ପିଇଓ ପ୍ରଭାକର ପ୍ରଧାନ ପରିଚାଳନା କରିଥିଲା ବେଳେ ତାଙ୍କୁ ସହଯୋଗ କରିଥିଲେ ୱାର୍ଡ ମେମ୍ବର ବିପକ ପାଣି।

# ସ୍ୱାସ୍ଥ୍ୟ ସେବା ବୈଠକ

ଆସିକା,୩୦।୧୨(ଡି.ଏନ୍.ଏ.)

ଆସିକା ବ୍ଲକର ବାଲିସିରା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶୁକ୍ରବାର ସ୍ୱାସ୍ଥ୍ୟସେବା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ମଧୁସୂଦନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସିକା ବିଡିଓ ଫକୀର ଚରଣ ପରିଡାଙ୍କ ସମେତ ମହିଳା ଓ ଶିଶୁ ବିକାଶ ଏବଂ ଶିକ୍ଷା ବିଭାଗ ପ୍ରତିନିଧି ଯୋଗଦେଇଥିଲେ। ବାଲିସିରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳିକା ସାଗରିକା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବୈଠକରେ ନବବିବାହିତ ଦମ୍ପତିଙ୍କ ଠାରୁ ଆରମ୍ଭ କରି ଗର୍ଭବତୀ ମହିଳା, ବିଦ୍ୟାଳୟକୁ ଯାଉଥିବା ଶିଶୁଙ୍କ ଲାଗି ସରକାରଙ୍କ ସଞ୍ଜୀବନୀ, ଆଭା, ଅମ୍ଳାନ, ନିରୀକ୍ଷଣ ଆଦି ଯୋଜନାରେ ରହିଥିବା ବିଭିନ୍ନ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

